# NATIONAL NEWS BULLETIN (ODIA)
## 27 May - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଜୁନ୍ ପହିଲାରେ ଅନୁଷ୍ଠିତ ହେବାକୁ ଥିବା ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତା ଗୁରୁବାର ସନ୍ଧ୍ୟାରେ ଶେଷ ହେବ ପ୍ରଚାର କାର୍ଯ୍ୟ ।
- ୨୦୨୪ ସାଧାରଣ ନିର୍ବାଚନରେ ଜାମ୍ମୁ କାଶ୍ମୀରରେ ଗତ ୩୫ ବର୍ଷ ମଧ୍ୟରେ ସର୍ବାଧିକ ୫୮ ଦଶମିକ୍ ୪/୬ ପ୍ରତିଶତ ମତଦାନ ହୋଇଛି ।
- ସ୍ୱଦେଶୀ ଜ୍ଞାନକୌଶଳ ତଥା ଦକ୍ଷତା ବୃଦ୍ଧି କରିବା ହେଉଛି ଆତ୍ମନିର୍ଭର ଭାରତ ବିଜନ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି ।
- ଆଧ୍ୟାତ୍ମିକ ମୂଲ୍ୟବୋଧ ସମସ୍ତ ଧର୍ମର ବ୍ୟକ୍ତିଙ୍କୁ ପରସ୍ପର ମଧ୍ୟରେ ସଂଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ।

ଏବଂ

- ଚଳିତ ବର୍ଷ ଦେଶରେ ସ୍ୱାଭାବିକ ପରିମାଣ ଠାରୁ ଅଧିକ ମୌସୁମୀ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ।

## ସେଭେନ୍ ଫେଜ୍ ଇଲେକ୍ସନ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ଜୁନ୍ ୧ ତାରିଖ ଦିନ ଅନୁଷ୍ଠିତ ହେବ । ଏଥିଲାଗି ଆସନ୍ତା ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ ।

ନିର୍ବାଚନ ଲାଗି ବିଭିନ୍ନ ରାଜୈନତିକ ଦଳ ପକ୍ଷରୁ ବରିଷ୍ଠ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ର୍‍ୟାଲି କରିବା ସହିତ ଘରକୁ ଘର ବୁଲି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

ଆସନ୍ତା ଜୁନ୍ ପହିଲା ଦିନ ଓଡ଼ିଶାରେ ମଧ୍ୟ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି

ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଆସନ୍ତା ମାସ ୪ ତାରିଖ ଦିନ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଇସିଆଇ-ଜେଆଣ୍ଡକେ

୨୦୨୪ ସାଧାରଣ ନିର୍ବାଚନରେ ଜାମ୍ମୁ କାଶ୍ମୀରରେ ୫୮ ଦଶମିକ୍ ୪/୬ ପ୍ରତିଶତ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଯାହାକି ଗତ ୩୫ ବର୍ଷ ମଧ୍ୟରେ ସର୍ବାଧିକ ମତଦାନ ବୋଲି ଜଣାଯାଇଛି । ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ୫ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ରହିଛି । ସେଗୁଡ଼ିକ ହେଲା ଶ୍ରୀନଗର, ବାରମୁଲା, ଅନନ୍ତନାଗ, ରାଜୌରୀ, ଉଧମପୁର ଓ ଜାମ୍ମୁ । କାଶ୍ମୀର ଉପତ୍ୟକାରେ ଥିବା ତିନୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଶ୍ରୀନଗରେ ୩୮ ଦଶମିକ୍ ୪/୯ ପ୍ରତିଶତ ମତଦାନ ହୋଇଥିବା ବେଳେ ବାରମୁଲାରେ ୫୯ ଦଶମିକ୍ ୧ ଏବଂ ଅନନ୍ତନାଗ-ରାଜୌରୀରେ ୫୪ ଦଶମିକ୍ ୮/୪ ପ୍ରତିଶତ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରିଛନ୍ତି । ସେହିଭଳି ଉଧମପୁରରେ ୬୮ ଦଶମିକ୍ ୨/୭ ପ୍ରତିଶତ ଏବଂ ଜାମ୍ମୁରେ ୭୨ ଦଶମିକ୍ ୨/୨ ପ୍ରତିଶତ ମତଦାତା ଏହି ନିର୍ବାଚନରେ ମତଦାନ

କରିଛନ୍ତି । ନିର୍ବାଚନରେ ଜାମ୍ମୁ କାଶ୍ମୀରବାସୀ ରେକର୍ଡ ସଂଖ୍ୟାରେ ମତଦାନ କରିଥିବା ଯୋଗୁଁ ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର ସମ୍ପୃକ୍ତ ଅଞ୍ଚଳର ମତଦାତାମାନଙ୍କୁ ଏହି ସଫଳତା ଲାଗି ଶୁଭେଚ୍ଛା ଜଣାଇଛନ୍ତି ।

## ୟୁପି-ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଆସନ୍ତାମାସ ୪ ତାରିଖ ଦିନ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ଏନ୍.ଡି.ଏ. ୪୦୦ରୁ ଅଧିକ ଆସନରେ ବିଜୟୀ ହେବାର ଲକ୍ଷ୍ୟ ହାସଲ କରିବ । ଉତ୍ତରପ୍ରଦେଶର କୁଶିନଗର ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବା ସହିତ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସମୟରେ ସେ ଏହା କହିଛନ୍ତି । ଜୁନ୍ ୪ ତାରିଖର ଫଳାଫଳ ପରେ ନରେନ୍ଦ୍ର ମୋଦୀ ପୁଣି ଥରେ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିବେ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ମାଓ ଠାରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଯୋଗୀ ଆଦିତ୍ୟନାଥ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ

ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବାସୀ ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇପାରିଛନ୍ତି । ୨୦୧୪ ମସିହା ପୂର୍ବରୁ ଦେଶର ସ୍ଥିତି ଏବଂ ବର୍ତ୍ତମାନର ସ୍ଥିତି ମଧ୍ୟରେ ବିଭିନ୍ନ କ୍ଷେତ୍ରର ସଫଳତା ପ୍ରସଙ୍ଗରେ ଏକ ଉଲ୍ଲେଖନୀୟ ପ୍ରଭେଦ ରହିଛି ବୋଲି ସେ କହିଛନ୍ତି ।

ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ବାରାଣସୀରେ ପହଞ୍ଚି କାଳଭୈରବ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ଜନସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ବିଜେପି କ୍ଷମତାରେ ଥିବା ପର୍ଯ୍ୟନ୍ତ ତଥା ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଧର୍ମଭିତ୍ତିକ ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ଲାଗି କଦାପି ଅନୁମତି ଦିଆଯିବ ନାହିଁ ।

## ପିଏମ୍-ଇଣ୍ଟରଭ୍ୟୁ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳ ତଥା ଦକ୍ଷତା ବୃଦ୍ଧି କରିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଆତ୍ମନିର୍ଭର ଭାରତ ବିଜନ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏକ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତକାର ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା

ଅଧୀନରେ ୩୮ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାରେ ଜମା କରାଯାଇ ସାରିଛି । ଦେଶ ପ୍ରଥମ ନୀତିକୁ ପ୍ରାଧାନ୍ୟ ଦେଇ କେନ୍ଦ୍ର ସରକାର ପ୍ରତ୍ୟେକ ନିଷ୍ପତ୍ତି ନେଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଏଥିସହିତ ପ୍ରମାଣ ଭିତ୍ତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଭାରତ ବିରୋଧୀ କାର୍ଯ୍ୟ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ତାଙ୍କ ସରକାର ଦେଶର ସାମଗ୍ରୀକ ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପ୍ରେଜ୍-ବ୍ରହ୍ମକୁମାରୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆଧ୍ୟାତ୍ମିକ ସଶକ୍ତିକରଣ ହେଉଛି ପ୍ରକୃତ ସଶକ୍ତିକରଣ । ଆଧ୍ୟାତ୍ମିକ ମୂଲ୍ୟବୋଧ ସମସ୍ତ ଧର୍ମର ବ୍ୟକ୍ତିଙ୍କୁ ପରସ୍ପର ମଧ୍ୟରେ ସଂଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀ ସ୍ଥିତି ଭାରତ ମଣ୍ଡପମ୍ ଠାରେ ବ୍ରହ୍ମକୁମାରୀ ପକ୍ଷରୁ ଆୟୋଜିତ 'ଏକ ସ୍ୱଚ୍ଛ ଓ ସୁସ୍ଥ ସମାଜ ଲାଗି ଆଧ୍ୟାତ୍ମିକ ସଶକ୍ତିକରଣର ଜାତୀୟ ଶୁଭାରମ୍ଭ' ସମ୍ପର୍କିତ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଭୟ ଓ ଯୁଦ୍ଧ ଭଳି ପ୍ରତିକୂଳ ସ୍ଥିତିକୁ ପ୍ରୋତ୍ସାହନ ଦେବା ଲାଗି ବିଶ୍ୱର ବିଭିନ୍ନ ସ୍ଥାନରେ କୁ-ଶକ୍ତି ଗୁଡ଼ିକ ଜାଗ୍ରତ ଥିବା ବେଳେ ବ୍ରହ୍ମକୁମାରୀ ସଂସ୍ଥା ବିଶ୍ୱର କଲ୍ୟାଣ

ତଥା ଶାନ୍ତି ପ୍ରତିଷ୍ଠା ଲାଗି ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ମାନବୀକ ସଶକ୍ତିକରଣ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବାରେ ପ୍ରୟାସ ଜାରି ରଖିଛି ବୋଲି ଶ୍ରୀମତି ମୁର୍ମୁ କହିଛନ୍ତି ।

## ଗୁଜରାଟ-ରାଜକୋଟ୍ ଫାୟାର୍ କେସ୍

ଗୁଜରାଟ୍ ହାଇକୋର୍ଟ୍ ଆଜି ରାଜକୋଟ୍ ସ୍ଥିତ ଗେମ୍ ଜୋନ୍ ଅଗ୍ନିକାଣ୍ଡ ମାମଲାର ଶୁଣାଣି କରିଛନ୍ତି । ବିଚାରପତି ବୀରେନ୍ ବୈଷ୍ଣବ ଏବଂ ବିଚାରପତି ଦେବାନ୍ ଦେଶାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଦୁର୍ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଘଟଣାର ଅନୁସନ୍ଧାନ କରିବା ଲାଗି ରାଜ୍ୟ ସିଆଇଡି-କ୍ରାଇମ୍ ବ୍ରାଞ୍ଚ୍‌ର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍.ଆଇ.ଟି.) ଇତିମଧ୍ୟରେ ଗଠନ କରାଯାଇଛି ବୋଲି ରାଜ୍ୟ ସରକାର ଅଦାଲତଙ୍କୁ ଅବଗତ କରାଇଛନ୍ତି । ଆସନ୍ତା ୩ ଦିନ ମଧ୍ୟରେ ଘଟଣାର ଅନ୍ତରିଣ ରିପୋର୍ଟ ଦେବା ଲାଗି ଏସ୍.ଆଇ.ଟି.କୁ କୁହାଯାଇଛି ବୋଲି ସରକାର କହିଛନ୍ତି ।

ଅନ୍ୟ ଏକ ଘଟଣା କ୍ରମରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଙ୍ଗଭି ଆଜି ଗାନ୍ଧିନଗର ସ୍ଥିତ ଫରେନ୍‌ସିକ୍ ସାଇନ୍ସ ଗବେଷଣାଗାର ପରିଦର୍ଶନ କରିବା ସହିତ ଏହି ଅଗ୍ନିକାଣ୍ଡରେ ମୃତକଙ୍କର ଡି.ଏନ୍.ଏ. ରିପୋର୍ଟ ପ୍ରସ୍ତୁତି ସମ୍ପର୍କିତ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି ।

ପୂର୍ବରୁ ଏହି ଘଟଣାରେ ରାଜ୍ୟ ସରକାର ଦୁଇ ଜଣ ପୋଲିସ୍ ଅଧିକାରୀଙ୍କ ସମେତ ୭ ଜଣଙ୍କୁ ନିଲମ୍ବନ କରିସାରିଛନ୍ତି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ଏହି ନିଲମ୍ବନ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗ ନେଇ ସେମାନଙ୍କ ବିରୁଦ୍ଧରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ଏଠାରେ ସୂଚନା ଦିଆଯାଇପାରେ ଗତ ଶନିବାର ଏହି ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୩୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ।

## ଆଇଏମ୍‌ଡି-ମନସୁନ୍

ଚଳିତ ବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସ୍ୱାଭାବିକ ପରିମାଣ ଠାରୁ ଅଧିକ ମୌସୁମୀ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଏ ସମ୍ପର୍କରେ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ  ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ପ୍ରାୟ ସ୍ୱାଭାବିକ ରହିବ । କେନ୍ଦ୍ରୀୟ ଭାରତ ଏବଂ ଦକ୍ଷିଣ ପାର୍ବତ୍ୟାଞ୍ଚଳରେ ସ୍ୱାଭାବିକ ଠାରୁ ଅଧିକ, ଉତ୍ତର ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବାକୁ ଥିବା ବେଳେ ଉତ୍ତର-ପୂର୍ବ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି ସେ କହିଛନ୍ତି । ଆସନ୍ତା ୫ ଦିନ ମଧ୍ୟରେ କେରଳରେ

ମୌସୁମୀ ପ୍ରବେଶ କରିବା ଲାଗି ସମସ୍ତ ପ୍ରକାର ଅନୁକୂଳ ପରିବେଶ ରହିଛି ବୋଲି ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ।

## ବାଂଲାଦେଶ-ରେମାଲ

ଘୂର୍ଣ୍ଣିଝଡ଼ ରେମାଲର ପ୍ରଭାବରେ ବାଂଲାଦେଶରେ ୧୦ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବା ସହିତ ୩୦ ହଜାରରୁ ଊର୍ଦ୍ଧ୍ୱ ଘର ନଷ୍ଟ ହୋଇଯାଇଛି । ଗତକାଲି ରାତିରେ ରେମାଲ ପଶ୍ଚିମବଙ୍ଗର ସାଗରଦ୍ୱୀପ ଏବଂ ବାଂଲାଦେଶର ଖେପୁପାଡ଼ା ମଧ୍ୟରେ ସ୍ଥଳଭାଗ ଛୁଇଁଥିଲା । ତେବେ ପରବର୍ତ୍ତୀ ସମୟରେ ରେମାଲ କ୍ରମଶଃ ଦୁର୍ବଳ ହୋଇଯାଇଥିଲା ।

ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ରେମାଲର ପ୍ରଭାବରେ ବାଂଲାଦେଶର ବାରଗୁନା, ଭୋଲା, ପାତୁଆଖାଲି, ବେଗରହାଟ୍, ଖୁଲନା, ସାଥ୍‌ଖିରା ଜିଲ୍ଲା ଗୁଡ଼ିକର ତଳିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଯାଇଛି । ଏହାଛଡ଼ା ପ୍ରଭାବିତ ଅଞ୍ଚଳରେ ବଡ଼ ବଡ଼ ଗଛ, ଟେଲିଫୋନ୍ ଓ ବିଦ୍ୟୁତ୍ ଖୁଣ୍ଟି ଉପୁଡ଼ି ପଡ଼ିବା ସହ ଫସଲ ମଧ୍ୟ ନଷ୍ଟ ହୋଇଯାଇଛି । ଗତ ରାତି ଠାରୁ ବାଂଲାଦେଶର ଦକ୍ଷିଣବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଛି ।୨ କୋଟିରୁ ଊର୍ଦ୍ଧ୍ୱ ଲୋକ ଗତ ରାତିରୁ ଇଣ୍ଟରନେଟ୍ ତଥା ମୋବାଇଲ୍ ସେବାରୁ ବଞ୍ଚିତ ହୋଇଛନ୍ତି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ଢାକା ଓ ଚଟଗ୍ରାମ ସହରର କେତେକ ଅଞ୍ଚଳରେ

ବନ୍ୟା ଦେଖାଯିବା ସହିତ ସାଧାରଣ ଜନଜୀବନ ବ୍ୟାହତ ହୋଇଥିବା ଜଣାଯାଇଛି ।

## ସାଇକ୍ଲୋନ୍-ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗରେ ଘୂର୍ଣ୍ଣିଝଡ଼ ରେମାଲ କ୍ରମଶଃ ଦୁର୍ବଳ ହେବା ସହ ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ସାଧାରଣ ଜୀବନଯାତ୍ରା ମଧ୍ୟ ସ୍ୱଭାବିକ ହେବା ଲାଗିଛି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ୱାଦଦାତା କହିଛନ୍ତି, ଇତିମଧ୍ୟରେ କୋଲକାତା ସହର ସମେତ ହାଓଡ଼ା ଓ ଏହାର ସଂଲଗ୍ନ ଜିଲ୍ଲା ଗୁଡ଼ିକରେ ଜୀବନଯାତ୍ରା କ୍ରମଶଃ ସ୍ୱଭାବିକ ହେବାରେ ଲାଗିଛି । ମେଟ୍ରୋ ସେବା ଏବଂ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ଇତିମଧ୍ୟରେ ପୁନଃକ୍ଷମ ହୋଇସାରିଛି । ତେବେ ହାଓଡ଼ା ଡିଭିଜନ୍‌ରେ କେତେକ ଟ୍ରେନ୍‌କୁ ବର୍ତ୍ତମାନ ସୁଦ୍ଧା ବାତିଲ କରାଯାଇଛି । ସେହିଭଳି ଆଜି ସକାଳୁ କୋଲକାତାରୁ ସମସ୍ତ ବିମାନ ସେବାକୁ ପୁନଃକ୍ଷମ କରାଯାଇଛି । ରେମାଲର ପ୍ରଭାବରେ ଦକ୍ଷିଣ-ଉତ୍ତର ଚବିଶପ୍ରଗଣା ଜିଲ୍ଲା ଗୁଡ଼ିକରେ ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି । ଏଥିସହିତ ଏହି ଦୁଇଟି ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ନଦୀକୂଳ ସବୁ କ୍ଷତିଗ୍ରସ୍ତ ହୋଇଛି ।

କୋଲକାତା ସହରରେ ଜନଜୀବନ ସୁରକ୍ଷିତ ରଖିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ସହିତ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ବାତ୍ୟା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ଗତକାଲି ରେମାଲର ପ୍ରଭାବରେ ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାର ଜଣେ ବୃଦ୍ଧାଙ୍କ ଉପରେ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି । ସେହିଭଳି କୋଲକାତା ସହରରେ  ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପୂର୍ବ ବର୍ଦ୍ଧମାନ ଜିଲ୍ଲାର ମେମାରି ଠାରେ ବିଦ୍ୟୁତ୍ ଆଘାତରେ ଅନ୍ୟ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ କୋଲକାତାରେ ୧୫୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ରେକର୍ଡ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।